UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ୟୁପିଆଇ ପେମେଣ୍ଟ୍‌ସ ସହ ସକ୍ଷମ ହୋଇଛି ସୁବିଧା ଓ ସୁରକ୍ଷା



**ଆପଣଙ୍କ ସ୍ମାର୍ଟଫୋନ୍ ଧୀରେ ଧୀରେ ଆପଣ ସାଧାରଣତଃ ନିଜ ପକେଟରେ ରଖୁଥିବା ଅନେକ ବସ୍ତୁର କାମ କରିବାରେ ଲାଗିଛି। ମନେ ଅଛି ଯେବେ ଆପଣଙ୍କୁ ନିଜ ୱାଲେଟ୍‌ରେ ନଗଦ ଟଙ୍କା କିମ୍ବା ଥାକ ଥାକ କ୍ରେଡିଟ୍ ଓ ଡେବିଟ୍ କାର୍ଡ ରଖିବାକୁ ହେଉଥିଲା? ଆଜି, କେବଳ ଆପଣ ସ୍ମାର୍ଟଫୋନ୍ ଆବଶ୍ୟକ କରନ୍ତି । ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ ହେଉଛି ନୂଆ ଭାରତ-କୈନ୍ଦ୍ରିକ ବିପ୍ଳବ। ଏବେ ଆପଣ ନିବେଶ ପାଇଁ ମଧ୍ୟ ୟୁପିଆଇ ପେମେଣ୍ଟ ବ୍ୟବହାର କରିପାରିବେ ।**

## ୟୁନିଫାଏଡ୍ ପେମେଣ୍ଟ୍‌ସ ଇଣ୍ଟରଫେସ୍ (ୟୁପିଆଇ) କ'ଣ

ଏହା ନ୍ୟାଶନାଲ୍ ପେମେଣ୍ଟ୍‌ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ବିକଶିତ ହୋଇଥିବା ଏକ ତତ୍କାଳ ପ୍ରକୃତ-ସମୟ ପେମେଣ୍ଟ ପ୍ରଣାଳୀ ଯାହା ଆନ୍ତଃ-ବ୍ୟାଙ୍କ ନେଣଦେଣକୁ ସୁବିଧାଜନକ କରିଥାଏ । ଏହି ଇଣ୍ଟରଫେସ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁଶାସିତ ହୋଇଥାଏ ଏବଂ ଏହାର କାମ ହେଉଛି ଏକ ମୋବାଇଲ ପ୍ଲାଟ୍‌ଫର୍ମରେ ଦୁଇଟି ବ୍ୟାଙ୍କ ଖାତା ମଧ୍ୟରେ ପାଣ୍ଠି ସ୍ଥାନାନ୍ତର କରିବା।

## ୟୁପିଆଇ ଭଲ କାହିଁକି

ୟୁପିଆଇକୁ ଆପଣଙ୍କ ଟଙ୍କା ପାଇଁ ଏକ ଇମେଲ୍ ଆଇଡି ଭାବେ ବିବେଚନା କରନ୍ତୁ । ଏହା ଏକ ସରଳ କିନ୍ତୁ ଅନନ୍ୟ ଚିହ୍ନଟକାରୀ ଯାହାକୁ ବ୍ୟବହାର କରି ଆପଣଙ୍କ ବ୍ୟାଙ୍କ ପାଣ୍ଠି ସ୍ଥାନାନ୍ତର କରିବା ସହ ଇମେଡିଏଟ୍ ପେମେଣ୍ଟ୍‌ସ ସର୍ଭିସେସ୍ (ଆଇଏମ୍‌ପିଏସ୍) ଜରିଆରେ ପରିଶୋଧ କାର୍ଯ୍ୟ ସମ୍ପାଦନ କରିଥାଏ । ଏହାର ଅର୍ଥ, ଆପଣଙ୍କୁ ଆଉ ନିଜ ଖାତାର ବିବରଣୀ ଟାଇପ୍ କରିବାକୁ ହେବ ନାହିଁ, ନିଜର ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା ଅନ୍ୟ କୌଣସି ଆର୍ଥିକ ବିବରଣୀ ମନେରଖିବାକୁ ହେବନାହିଁ ।

ଆପଣ ମ୍ୟୁଚୁଆଲ ଫଣ୍ଡର ନୂଆ ନିବେଶକ ହୁଅନ୍ତୁ କି ଅଭିଜ୍ଞ ନିବେଶକ, ଆପଣଙ୍କୁ କେବଳ କେୱାଇସି-ଅନୁପାଳନକାରୀ ହେବା ଏବଂ ନିଜର ପଞ୍ଜୀକୃତ ମୋବାଇଲ ଫୋନ୍‌ରେ ୟୁପିଆଇ ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବାକୁ ହେବ ।

## ଉଲ୍ଲେଖନୀୟ ବୈଶିଷ୍ଟ୍ୟାବଳୀ

- ବିଶେଷ ରୂପେ ଆପଣଙ୍କ ମୋବାଇଲ ନମ୍ବର ସହ ସଂଯୁକ୍ତ ହୋଇଥାଏ
- ଏକକ ଇଣ୍ଟରଫେସ୍ ଯାହା ତତ୍କାଳ ନେଣଦେଣ ସୁବିଧା ଦେଇଥାଏ
- ନିଜ ସ୍ମାର୍ଟଫୋନ୍‌ରୁ ଟଙ୍କା ନିବେଶର ଅନୁମତି ଦେଇଥାଏ
- ଡିଜିଟାଲ ୱାଲେଟ୍, ବ୍ୟାଙ୍କ ଖାତା ବିବରଣୀ କିମ୍ବା ନେଟ୍ ବ୍ୟାଙ୍କିଙ୍ଗ୍ ବିବରଣୀର ଆବଶ୍ୟକତା ରହେନାହିଁ
- ସରଳୀକୃତ ଓ ଝଞ୍ଜାଳମୁକ୍ତ ପେମେଣ୍ଟ ପ୍ରଣାଳୀ
- ଦ୍ୱି-ସ୍ତରୀୟ ପ୍ରମାଣୀକରଣ, ମୋବାଇଲ ନମ୍ବର ଯାଞ୍ଚ ସହିତ ସୁଦୃଢ଼ ସୁରକ୍ଷା

## ଆପଣଙ୍କ ୟୁପିଆଇ କିପରି କାମ କରିଥାଏ

ବିଦ୍ୟମାନ ଓ ନୂଆ ନିବେଶକମାନେ ୟୁପିଆଇ ପେମେଣ୍ଟ ପ୍ରଣାଳୀ ବ୍ୟବହାର କରି ନିବେଶ କରିବା ଲାଗି ଯୋଗ୍ୟ। କେବଳ ନିଜର ପଞ୍ଜୀକୃତ ମୋବାଇଲ ନମ୍ବରକୁ ନିଜ ବ୍ୟାଙ୍କ ଖାତା ସହ ଲିଙ୍କ୍ କରନ୍ତୁ ଏବଂ ୟୁପିଆଇ ଆପ୍ଲିକେଶନ୍‌ରେ ନିଜର ନାମ ଓ ମୋବାଇଲ ନମ୍ବର ସହିତ ଏକ ଭର୍ଚୁଆଲ୍ ପେମେଣ୍ଟ ଆଡ୍ରେସ୍ (ଭିପିଏ) ତିଆରି କରନ୍ତୁ । ଇମେଲ୍ ସଦୃଶ ଏଇ ଭିପିଏ ଜରିଆରେ ଆପଣ ସୁରୁଖୁରୁରେ ନିବେଶ କରିପାରିବେ।

**ମ୍ୟୁଚୁଆଲ ଫଣ୍ଡ ନିବେଶ ପାଇଁ:** ୟୁପିଆଇ ଜରିଆରେ ନିବେଶ କରିବା ପାଇଁ ଆପଣଙ୍କୁ ୟୁପିଆଇ ଇଣ୍ଟରଫେସ୍‌କୁ ସମର୍ଥନ କରୁଥିବା ମ୍ୟୁଚୁଆଲ ଫଣ୍ଡ ୱେବ୍‌ସାଇଟ୍ କିମ୍ବା ଏଏମ୍‌ସି ପ୍ଲାଟ୍‌ଫର୍ମରେ ୟୁପିଆଇକୁ ପେମେଣ୍ଟ ପଦ୍ଧତି ଭାବେ ଚୟନ କରିବାକୁ ହେବ ।

- ନିଜର ୟୁପିଆଇ ଭର୍ଚୁଆଲ୍ ପେମେଣ୍ଟ ଆଇଡି ଦିଅନ୍ତୁ। (ଏଇ ୟୁପିଆଇ ଭିପିଏ ଆପଣଙ୍କ ଫୋଲିଓରେ ପଞ୍ଜୀକୃତ ବ୍ୟାଙ୍କ ଖାତା ସହ ମ୍ୟାପ୍ ହୋଇଥିବା ଆବଶ୍ୟକ)
- ନିଜ ମୋବାଇଲ ଫୋନ୍‌ରେ ୟୁପିଆଇ ଆପ୍‌ରୁ ଏକ ନୋଟିଫିକେଶନ୍ ପାଆନ୍ତୁ
- ନେଣଦେଣ ବିବରଣୀ ଯାଞ୍ଚ କରନ୍ତୁ
- ୟୁପିଆଇ ପିନ୍ ଜରିଆରେ ନିଜ ମ୍ୟୁଚୁଆଲ ଫଣ୍ଡ ନିବେଶକୁ ଅଧିକୃତ କରନ୍ତୁ
- ଅର୍ଥରାଶି ତତ୍କାଳ ଆପଣଙ୍କ ବ୍ୟାଙ୍କ ଖାତାରୁ ଡେବିଟ୍ ହୋଇଥିବ ଏବଂ ଫଣ୍ଡ ହାଉସ୍‌କୁ ସ୍ଥାନାନ୍ତରିତ ହେବ

ୟୁପିଆଇ ସହିତ, ଆପଣ ଆଇପିଓକୁ ସବ୍‌ସ୍କ୍ରାଇବ୍ କରିବା ସଙ୍ଗେ ସଙ୍ଗେ ୟୁପିଆଇର ତତ୍କାଳ ପାଣ୍ଠି ସ୍ଥାନାନ୍ତର ଅନୁଭୂତିକୁ ଉପଭୋଗ କରିଥାନ୍ତି

**ଆଇପିଓ ନିବେଶ ପାଇଁ:** ୟୁପିଆଇ ଆପ୍ ଜରିଆରେ ଆଇପିଓ ଲାଗି ଆବେଦନ କରୁଥିବା ସମୟରେ, ଆଇପିଓ ଆବେଦନ ଫର୍ମରେ ନିଜର ବିଡ୍ ବିବରଣୀ ପୂରଣ କରନ୍ତୁ ଓ ସୂଚିତ ସ୍ଥାନରେ ନିଜର ୟୁପିଆଇ ଆଇଡି ଦର୍ଶାନ୍ତୁ ।



- ପୂରଣ ହୋଇଥିବା ଫର୍ମକୁ ନିଜ ଡିପୋଜିଟୋରି ପାର୍ଟିସିପାଣ୍ଟ କିମ୍ବା ପଞ୍ଜୀକୃତ ମଧ୍ୟସ୍ଥିଙ୍କ ନିକଟରେ ଦାଖଲ କରନ୍ତୁ
- ଆପଣଙ୍କ ବିଡ୍ ବିବରଣୀ ବିଡିଂ ପ୍ଲାଟଫର୍ମ (ଷ୍ଟକ୍ ଏକ୍ସଚେଞ୍ଜ)ରେ ଅପ୍‌ଲୋଡ୍ ହେବ
- ୟୁପିଆଇ ଆଇଡି ସହିତ ଆପଣଙ୍କ ବିଡ୍ ବିବରଣୀ ଏସ୍କ୍ରୋ/ପ୍ରାୟୋଜକ ବ୍ୟାଙ୍କ ସହ ଶେୟାର୍ କରାଯିବ
- ଆପଣ ଆବେଦନ କରିଥିବା ଶେୟାର୍ ସଂଖ୍ୟାର ସମତୁଲ୍ୟ ପାଣ୍ଠିକୁ ଅବରୋଧ କରିବା (ଅବରୋଧିତ ଅର୍ଥରାଶି କିମ୍ବା ଏଏସ୍‌ବିଏ ଦ୍ୱାରା ସମର୍ଥିତ ଆପ୍ଲିକେଶନ୍) ପାଇଁ ଆପଣଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏକ ଅନୁରୋଧ ପ୍ରାପ୍ତ ହେବ
- ଏହି ଅନୁରୋଧ ଆପଣଙ୍କ ଦ୍ୱାରା ଗୃହୀତ ହେବା ପରେ ସମ୍ପୃକ୍ତ ଅର୍ଥରାଶି ଆପଣଙ୍କ ବ୍ୟାଙ୍କ ଖାତାରେ ଅବରୋଧିତ ହୋଇ ରହିବ
- ଶେୟାର୍‌ର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଆବଣ୍ଟନ ଏବଂ ଅଣଆବଣ୍ଟିତ ଅର୍ଥରାଶି ଆପଣଙ୍କ ବ୍ୟାଙ୍କ ଖାତାରେ ନିର୍ମୁକ୍ତ ହେବା କ୍ଷେତ୍ରରେ ହିଁ ସମ୍ପୃକ୍ତ ଅର୍ଥରାଶି ଆପଣଙ୍କ ଖାତାରୁ ଡେବିଟ୍ ହେବ
- ଡେବିଟ୍ ପରେ, ଶେୟାର୍‌ଗୁଡ଼ିକ ଆପଣଙ୍କ ଡିମାଟ୍ ଖାତାରେ ଜମା ହେବ



## ୟୁପିଆଇର ସୀମିତତା

ଏନ୍‌ପିସିଆଇ ପ୍ରଥମେ ୟୁପିଆଇ ପେମେଣ୍ଟ ସୀମାକୁ ₹୧ ଲକ୍ଷ ପର୍ଯ୍ୟନ୍ତ ସୀମିତ ରଖିଥିଲେ। ୧ ଏପ୍ରିଲ, ୨୦୨୦ଠାରୁ ତାହାକୁ ₹୨ ଲକ୍ଷକୁ ବୃଦ୍ଧି କରିଦିଆଯାଇଛି ।

ତଥାପି, ୟୁପିଆଇ ପେମେଣ୍ଟ ପଦ୍ଧତି ମାଧ୍ୟମରେ ନିବେଶ କରିବା ପୂର୍ବରୁ ଏହି ଉପରି ସୀମା ସମ୍ପର୍କରେ ଆପଣ ନିଜ ବ୍ୟାଙ୍କକୁ ପଚାରି ବୁଝିନେବା ଉଚିତ, କାରଣ ପ୍ରତ୍ୟେକ ବ୍ୟାଙ୍କର ସେମାନଙ୍କ ନିଜସ୍ୱ ସୀମା ସ୍ଥିର କରିଥାନ୍ତି ।

ଯଦି ଆପଣ ଆପଣଙ୍କ ଫୋଲିଓ ସହ ପଞ୍ଜୀକୃତ ହୋଇ ନ ଥିବା ବ୍ୟାଙ୍କ ଖାତାର ଭିପିଏ ବ୍ୟବହାର କରନ୍ତି, ତେବେ ସେବିର ତୃତୀୟ ପକ୍ଷ ଉପଧାରା କାରଣରୁ ୟୁପିଆଇ ପେମେଣ୍ଟ ପ୍ରକ୍ରିୟାକୃତ ହୋଇପାରିବ ନାହିଁ ।

## ସଂକ୍ଷେପରେ

ୟୁପିଆଇକୁ ବ୍ୟାଙ୍କିଙ୍ଗ୍‌ରେ ଏକ ବିପ୍ଳବ ଭାବେ ବିବେଚନା କରନ୍ତୁ। ଏହା ଏକ ଅତ୍ୟାଧୁନିକ ସର୍ବସାଧାରଣ ପରିଶୋଧ ଭିତ୍ତିଭୂମି ଅଟେ ଯାହା ଆପଣଙ୍କ ପେମେଣ୍ଟ ସମ୍ପର୍କିତ କାରବାରର ରୂପ ବଦଳାଇଦେଇଛି ।



**ଏହାପରେ କ'ଣ:** କେବଳ ୟୁପିଆଇ ନୁହେଁ, ଆପଣଙ୍କ ଶ୍ରମକୁ ଲାଘବ କରିବା ପାଇଁ ଅନେକ ଅନ୍‌ଲାଇନ୍ ପେମେଣ୍ଟ ପ୍ରଣାଳୀ ଉପଲବ୍ଧ ଅଟେ । ଆପଣଙ୍କ ଆର୍ଥିକ ଜୀବନ ଯେପରି ବାଧାବିଘ୍ନରହିତ, ସଦ୍ୟତନ ଏବଂ ଧନ ସୃଜନର ଆପଣଙ୍କ ଯାତ୍ରାକୁ ସରଳ କରିବା ଉପରେ କେନ୍ଦ୍ରିତ ରହେ ତାହାକୁ ସୁନିଶ୍ଚିତ କରିବା ଟେକ୍ନୋଲୋଜି ଉପଲବ୍ଧ କରାଇଥିବା ବିବିଧ ଲାଭଗୁଡ଼ିକ ଉପରେ ଆସନ୍ତୁ ନଜର ପକାଇବା।

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ପାଠକୀୟ ମତ

ଜଣେ ନିବେଶକ ଭାବେ, ଆପଣ ଏହା ଭାବନ୍ତି କି ଟେକ୍ନୋଲୋଜି ଆପଣଙ୍କ ଆର୍ଥିକ ପରିଚାଳନା ପଦ୍ଧତିକୁ ବଦଳାଇଦେଇଛି ?

ହିଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ। Poll <SPACE> YES କିମ୍ବା Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ। ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

## ଶେଷ ପାଠକୀୟ ମତର ଫଳାଫଳ

ଆଜିର ଯୁଗରେ କ୍ରେଡିଟ୍ କାର୍ଡ ଏକ ଆବଶ୍ୟକତା ବୋଲି ଆପଣ ଭାବନ୍ତି କି ?

ହିଁ ୭୦% | ନା ୩୦%

## ଶେଷ ସଂସ୍କରଣ ବିଶେଷଜ୍ଞ ମତ

ବହୁଗୁଡ଼ିଏ କ୍ରେଡିଟ୍ କାର୍ଡ ରଖିବା ଜରୁରୀ ନୁହେଁ, କିନ୍ତୁ ଗୋଟିଏ ଦୁଇଟି ପାଖରେ ଥିଲେ ତାହା ସାହାଯ୍ୟକାରୀ ହୋଇପାରେ । କ୍ରେଡିଟ୍ କାର୍ଡ ଆପଣଙ୍କୁ ସମୟ ସହିତ କ୍ରେଡିଟ୍ ଇତିହାସ ଓ କ୍ରେଡିଟ୍ ସ୍କୋର୍ ଗଢ଼ିବାରେ ସହାୟତା କରିଥାଏ, କିନ୍ତୁ ଏହି ସର୍ତ୍ତରେ ଯେ ଆପଣ ସମ୍ପୂର୍ଣ୍ଣ ବାଲାନ୍ସକୁ ପୂରାପୂରି ପରିଶୋଧ କରିଥିବେ। କେବଳ ସର୍ବନିମ୍ନ ପରିମାଣ ପୈଠ କରିବା କିମ୍ବା କାର୍ଡ ପରିଶୋଧକୁ ବିଳମ୍ବିତ କରିବା ଦ୍ୱାରା ଆପଣ ଋଣ ଯନ୍ତାରେ ଫସିଯାଆନ୍ତି । ହେଲେ, କ୍ରେଡିଟ୍ କାର୍ଡରେ ବଡ଼ ପରିମାଣର କ୍ରୟ କରିବାର ଏକ ଭଲ ବିକଳ୍ପ ହେଉଛି ମାସିକ ନିବେଶ ଜରିଆରେ ଉତ୍ପାଦ ପାଇଁ ଆଗୁଆ ନିବେଶ କରିବା। ଏହାର ଅର୍ଥ ଯେଉଁ ଅର୍ଥରାଶି ଆପଣଙ୍କୁ ମାସିକ ଋଣ ଇଏମ୍‌ଆଇ ଭାବେ ଦେବାକୁ ହୋଇଥାନ୍ତା ତାକୁ ଏସ୍‌ଆଇପି ଜରିଆରେ ନିବେଶ କରି ପ୍ରଥମେ ସମ୍ପୃକ୍ତ ଉତ୍ପାଦ ପାଇଁ ଟଙ୍କା ଜମା କରିବା ଓ ପରବର୍ତ୍ତୀ ସମୟରେ ତାକୁ କିଣିବା ।

# ନିଜ ଧନ-ସୃଜନ ଯାତ୍ରାର ପରିଚାଳନା ଗୋଟିଏ କ୍ଲିକ୍‌ରେ କିପରି କରିବେ



ଘରଭଡ଼ା, ୟୁଟିଲିଟି ବିଲ୍ ପଇଠ କରିବା, ଏପରିକି ବାହାରକୁ ଯାଇ ସଉଦା କିଣିବା ଆପଣଙ୍କ ଦିନର ବହୁତ ସମୟ ନେଇପାରେ । କିନ୍ତୁ ଏବେ ପରିଦୃଶ୍ୟ ବଦଳିଯାଇଛି। ମାତ୍ର କିଛି ମିନିଟ୍ ମଧ୍ୟରେ ଆପଣ ଏହି ପେମେଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ କରି ସମୟ, ଶକ୍ତି ଓ ପରିଶ୍ରମ ବଞ୍ଚାଇପାରନ୍ତି । ତେଣୁ ଟେକ୍ନୋଲୋଜିକୁ ନିଜର ଆର୍ଥିକ ଜୀବନରେ ବି ପ୍ରୟୋଗ ନ କରିବେ କାହିଁକି ?

ପ୍ରତ୍ୟେକ ନିବେଶକଙ୍କ ପାଇଁ ନିବେଶ ପ୍ରକ୍ରିୟା ସରଳ, ପାରଦର୍ଶୀ ଓ ପ୍ରୟାସହୀନ ହେବା ଜରୁରୀ। ଆଉ ଯେହେତୁ ଆପଣଙ୍କର ଲକ୍ଷ୍ୟ ହେଉଛି ନିଜର ଧନ ବୃଦ୍ଧି କରିବା ଓ ନିଜ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା, ତେଣୁ ଅନ୍‌ଲାଇନ୍ ପେମେଣ୍ଟ ବିକଳ୍ପ ନ୍ୟୁନତମ ପରିଶ୍ରମରେ ଏକ ସୁବିଧାଜନକ ଅନୁଭୂତି ଯୋଗାଇଥାଏ ।

ଆପଣଙ୍କ ନିବେଶ ପ୍ରକ୍ରିୟାକୁ ସୁବିଧାଜନକ କରିବା ପାଇଁ ଡିଜିଟାଲ ପଦ୍ଧତିର ଅନେକ ବିକଳ୍ପ ରହିଛି ଯେପରିକି ନେଟ୍ ବ୍ୟାଙ୍କିଙ୍ଗ୍, ଜାତୀୟ ବୈଦ୍ୟୁତିକ ପାଣ୍ଠି ସ୍ଥାନାନ୍ତର, ୟୁପିଆଇ, ଏନ୍‌ଏସିଏଚ୍ ପଞ୍ଜୀକୃତ ଆଦେଶପତ୍ର ଇତ୍ୟାଦି । ଜାଣନ୍ତୁ କେମିତି:

- **ନେଟ୍-ବ୍ୟାଙ୍କିଙ୍ଗ୍:** ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍‌କୁ ସକ୍ରିୟ କରନ୍ତୁ ଓ ନିଜର ନିବେଶ ପରିମାଣ ଚୟନ କରିବା ଓ ନିଜ ପସନ୍ଦର ପୋର୍ଟଫୋଲିଓରେ ଯୋଗ କରି ଯେକୌଣସି ସମୟ କିମ୍ବା ଦିନରେ ନିବେଶ କରନ୍ତୁ ।
- **ଏନ୍‌ଏସିଏଚ୍ ପଞ୍ଜୀକୃତ ଆଦେଶପତ୍ର:** ଏକ-ସମୟ ଆଦେଶପତ୍ରକୁ ଅଧିକୃତ କରନ୍ତୁ ଏବଂ ନିର୍ଦ୍ଧାରିତ ସମୟ ଓ ବ୍ୟବଧାନରେ ନିଜ ଖାତାରୁ ସ୍ୱୟଂଚାଳିତ ପେମେଣ୍ଟ ପ୍ରାପ୍ତ କରନ୍ତୁ ।
- **ଏନ୍‌ଇଏଫ୍‌ଟି/ଆଇଏମ୍‌ପିଏସ୍:** ଆପଣଙ୍କ ନେଟ୍ ବ୍ୟାଙ୍କିଙ୍ଗ୍ ଖାତା ଜରିଆରେ ତତ୍କାଳ ପେମେଣ୍ଟ କରିବାରେ ଆପଣଙ୍କୁ ସକ୍ଷମ କରିଥାଏ ।
- **ୟୁପିଆଇ:** ଆପଣଙ୍କ ୟୁପିଆଇ ଭର୍ଚୁଆଲ୍ ଆଇଡି ଜରିଆରେ ଏକ ପସନ୍ଦର ପେମେଣ୍ଟ ବିକଳ୍ପ ଯାହା ନେଣଦେଣକୁ ସରଳ ଓ ସୁବିଧାଜନକ କରିଥାଏ ।

ଏହା ବ୍ୟତୀତ, ଅନ୍‌ଲାଇନ୍ ନିବେଶ ଆପ୍‌ର ବ୍ୟବହାର ନିବେଶ ପାଇଁ ଆର୍ଥିକ ଉତ୍ପାଦଗୁଡ଼ିକ ବ୍ୟାପକ ଶୃଙ୍ଖଳା ସହିତ ଆପଣଙ୍କ ଧନର ପରିଚାଳନା କରିବାରେ ସାହାଯ୍ୟ କରିବା ସହ ଆପ୍‌ର ସ୍ୱତ୍ୱାଧିକାରୀ ଟେକ୍ନୋଲୋଜି ଓ ଅନ୍ତର୍ଗଠିତ ଟେକ୍ନୋଲୋଜି ସହିତ ଆପଣଙ୍କ ନିବେଶକୁ ସଶକ୍ତ ମଧ୍ୟ କରିଥାଏ ।

ଆର୍ଥିକ ଯୋଜନା ଏବେ ଆପଣଙ୍କ ଆଙ୍ଗୁଳି ଟିପରେ ରହିଥିବାରୁ, ଅନ୍‌ଲାଇନ୍ ନିବେଶ ପଦ୍ଧତିକୁ ଚୟନ କରିବା ଦ୍ୱାରା ଆପଣ ମଧ୍ୟସ୍ଥିଙ୍କ ଆବଶ୍ୟକତା ବିନା ଏବଂ ନାମମାତ୍ର ଖର୍ଚ୍ଚରେ ନିଜ ଟଙ୍କାକୁ ନିବେଶ କରିବାର ଏକ ନିରପେକ୍ଷ ପ୍ଲାଟ୍‌ଫର୍ମ ପାଇଥାନ୍ତି ।

ଆପଣଙ୍କ ପାଇଁ ବିଶେଷ ଭାବେ ପରିକଳ୍ପିତ ନିବେଶ ବିକଳ୍ପ ପ୍ରାପ୍ତ କରିବାଠାରୁ ଆରମ୍ଭ କରି ସ୍ୱୟଂଚାଳିତ ନିବେଶ ପ୍ରକ୍ରିୟା ପର୍ଯ୍ୟନ୍ତ, ନିଜ ନିବେଶଗୁଡ଼ିକୁ ଅନ୍‌ଲାଇନ୍‌କୁ ନେବାର ଅନେକ ଲାଭ ମଧ୍ୟରୁ କେତୋଟି ଏଠାରେ ଦିଆଗଲା:

- ସମସ୍ତଙ୍କ ପାଇଁ ସୁବିଧାଜନକ ଓ ସୁଲଭ
- ବିଶେଷ ଭାବେ ପରିକଳ୍ପିତ ପୋର୍ଟଫୋଲିଓ
- ନିୟମିତ ସ୍ୱଚାଳିତ ଅଂଶଦାନ
- କୌଣସି ପୂର୍ବବର୍ତ୍ତୀ ଅଭିଜ୍ଞତା ଆବଶ୍ୟକ ନୁହେଁ
- ଆର୍ଥିକ ଶିକ୍ଷା ଓ ସମ୍ବଳ ଯୋଗାଇଥାଏ
- ଝଞ୍ଜାଳମୁକ୍ତ ଭାବେ ନିବେଶ କରିବାର ସହଜ ଉପାୟ
- ନିଜର ସମସ୍ତ ଆର୍ଥିକ ସୂଚନାର ଏକୀକରଣ

**ଏ ସମ୍ପର୍କରେ ବିଶେଷଜ୍ଞଙ୍କ ଅଲୋଚନା ଶୁଣନ୍ତୁ, ନିମ୍ନପ୍ରଦତ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ**

**ସଂକ୍ଷେପରେ:** ସହଜଲବ୍ଧତା, ସରଳ ସମ୍ପାଦନ ଓ ନ୍ୟୁନତମ ଔପଚାରିକତା କାରଣରୁ ଧନ ସୃଜନ ଅଭିମୁଖୀ ଆପଣଙ୍କ ଯାତ୍ରାରେ ଅନ୍‌ଲାଇନ୍ ନିବେଶର ଫାଇଦା ଉଠାଇବା ଫଳପ୍ରଦ । କେବେ ନିବେଶ କରିବେ ତାହା ଚୟନ କରିବାର ନିୟନ୍ତ୍ରଣ ସହିତ ଯେକୌଣସି ସ୍ଥାନରୁ ନିବେଶ କରିବାର ସ୍ୱାଧୀନତା ଓ ନମନୀୟତା ପାଆନ୍ତୁ । ନିଜ ଆର୍ଥିକ ଜୀବନରେ ପ୍ରବୀଣତା ହାସଲ କରିବା ଓ ନିବେଶର ମାନୁଆଲ୍ କାର୍ଯ୍ୟରୁ ଦୂରେଇବା ପାଇଁ ଆଜିଠାରୁ ହିଁ ଅନ୍‌ଲାଇନ୍ ନିବେଶ ପଦ୍ଧତିକୁ ଆପଣାନ୍ତୁ ।

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

ଅଧିକ ବିବରଣୀ ପାଇଁ ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

**ଅନ୍‌ଲାଇନ୍ ଏସ୍‌ଆଇପି ନିବେଶ ହେଉଛି ନିବେଶର ଏକ ଅଧିକ ସ୍ମାର୍ଟ, ଦ୍ରୁତ ଓ ସହଜ ଉପାୟ।**

**କିଛି ନୂଆ ଆରମ୍ଭ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ; ଆଜି ହିଁ ଆରମ୍ଭ କରନ୍ତୁ!**

## ସ୍ୱତନ୍ତ୍ର କୁମାର ବୁଝାନ୍ତି:

# ଯଦି କରିନାହାନ୍ତି ତେବେ ଆପଣ ଟେକ୍ନୋଲୋଜିକୁ ଆପଣାଇବା କାହିଁକି ଆବଶ୍ୟକ

ଆପଣଙ୍କ ସ୍ମାର୍ଟଫୋନ୍‌ରେ ଆପଣଙ୍କ ଆର୍ଥିକ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଚାବିକାଠି ରହିଛି । ଯଦି ଆପଣ ଡିଜିଟାଲ୍ ବିପ୍ଳବରେ ଭାଗନେବାକୁ ଚାହାନ୍ତି:

- ଟେକ୍ନୋଲୋଜିର ଭରପୂର ଫାଇଦା କିପରି ଉଠାଇବେ ତାହା ବୁଝନ୍ତୁ
- ଡିଜିଟାଲ ଶିକ୍ଷା ହାସଲ କରନ୍ତୁ – ଅନ୍‌ଲାଇନ କୋର୍ସ, ଇବୁକ୍, ୟୁଟ୍ୟୁବ୍ ଶିକ୍ଷା, ଇ-ଶିକ୍ଷା ପ୍ଲାଟଫର୍ମ ଓ ଆହୁରି ଅନେକ
- ଆର୍ଥିକ ସଫଳତା ଲାଭ ପାଇଁ ପରିବର୍ତ୍ତନକୁ ଆପଣାନ୍ତୁ

ସଅଳ-ଅନୁପାଳନକାରୀ ହୁଅନ୍ତୁ । ବେଳେବେଳେ ଆପଣ ଜାଣିପାରନ୍ତି ନାହିଁ, କିନ୍ତୁ ଯାହାକୁ ଆପଣ ଧୂଳି ଭାବୁଛନ୍ତି ତାହା ସୁନା ହୋଇପାରେ।

### ଟେକ୍ନୋଲୋଜି କାହିଁକି ମହତ୍ତ୍ୱପୂର୍ଣ୍ଣ?

ଏହା ସହାୟତା କରିଥାଏ–

- ଅନୁଭୂତିକୁ ଉନ୍ନତ କରିବାରେ
- ପଦାର୍ଥଗତରୁ ଡିଜିଟାଲ ଆସେଟ୍‌କୁ ସ୍ଥାନାନ୍ତରିତ ହେବାରେ
- ନିବେଶକ ଆଚରଣର ପୂର୍ବାନୁମାନ କରିବାରେ
- ଉତ୍ତମ ଆର୍ଥିକ ନିଷ୍ପତ୍ତି ଗ୍ରହଣ କରିବାରେ
- ଆର୍ଥିକ ସଚେତନତାକୁ ଉନ୍ନତ କରିବାରେ

### ଲାଭ

- ବ୍ୟବହାରରେ ସହଜ
- ଅର୍ଥ ସମ୍ବନ୍ଧୀୟ ଭରସାଯୋଗ୍ୟ ସୂଚନା ଓ ଗବେଷଣା ପ୍ରତି ପହଞ୍ଚ
- ନିବେଶର ବ୍ୟାପକ ଶୃଙ୍ଖଳା ପ୍ରତି ପ୍ରତ୍ୟକ୍ଷ ପହଞ୍ଚ
- ସୁଚିନ୍ତିତ ନିଷ୍ପତ୍ତି ଗ୍ରହଣ କରିବାରେ ଆପଣଙ୍କୁ ସହାୟତା କରେ
- ତତ୍କାଳ ନେଣଦେଣ
- ଉନ୍ନତ ବେଗ

### କାମରେ ଲଗାନ୍ତୁ:

- ନିବେଶ ଆଲଗୋରିଦମ୍
- ବ୍ୟକ୍ତିଗତ-ଫାଇନାନ୍ସ ଆପ୍
- ଅନ୍‌ଲାଇନ୍ କାଲ୍‌କୁଲେଟର୍
- ବଜେଟ ସାଧନ
- ସ୍ୱଚାଳିତ ପେମେଣ୍ଟ ପଦ୍ଧତି

**ଏହି ସାଧନଗୁଡ଼ିକର ଭରପୂର ଫାଇଦା କିପରି ନେବେ ଜାଣିବା ପାଇଁ, ଏଠାରେ ପ୍ରଦତ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ-**



### ଉପସଂହାର

ଆର୍ଥିକ ଆପ୍‌ଗୁଡ଼ିକ ଆପଣଙ୍କ ଆର୍ଥିକ ଜୀବନ ପାଇଁ ଏକ ସିଙ୍ଗଲ୍ ୱିଣ୍ଡୋ ଭଳି କାମ କରିଥାଏ, ଖାତାଗୁଡ଼ିକୁ ସଂଯୁକ୍ତ କରିବା ଓ ଆପଣଙ୍କ ଆର୍ଥିକ ସ୍ଥିତି ବଦଳିବା ସହିତ ସ୍ୱଚାଳିତ ଅପଡେଟ୍ କରିବାରେ ଆପଣଙ୍କୁ ସାହାଯ୍ୟ କରିଥାଏ । ଆପଣଙ୍କ ଧନକୁ ବୃଦ୍ଧି କରିବାର ସମ୍ଭାବନା ଦେଉଥିବା ସର୍ବୋପଯୁକ୍ତ ସୁଯୋଗରୁ ଲାଭାନ୍ୱିତ ହେବା ଓ ବର୍ଦ୍ଧିତ ଧନ ସହିତ ନିଜ ବ୍ୟକ୍ତିଗତ ଅର୍ଥର ସଦୁପଯୋଗ କରିବା ପାଇଁ ଡିଜିଟାଲ୍ ଦୁନିଆରେ ପ୍ରବେଶ କରନ୍ତୁ ।

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

f LIVE ନିଜର ପ୍ରଥମ ଦରମାକୁ କ'ଣ କରିବେ? ନିଜସ୍ୱ ଧନସମ୍ପଦ ଅଭିମୁଖେ ଯାତ୍ରାକୁ ଆରମ୍ଭ କରିବେ ନିଶ୍ଚୟ! ୧ ଅକ୍ଟୋବର ୨୦୨୦ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଓ 'ବିଗିନ୍ ୟୋର୍ ୱେଲ୍‌ଥ କ୍ରିଏସନ୍ ଜର୍ନି ୱିଥ୍ ୟୋର୍ #Firstpaycheque' ଶୋ' ଦେଖନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହ ପଢ଼ନ୍ତୁ ।

**ଦାବିତ୍ୟାଗ:** କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ "ମଧ୍ୟସ୍ଥ/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନର ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।

UTI Mutual Fund
Haq, ek behtar zindagi ka.

# କେୱାଇସି

## ବିତ୍ତୀୟ ସ୍ୱାଧୀନତା ପାଇଁ ଆପଣଙ୍କ ପାସପୋର୍ଟ୍ ବର୍ତ୍ତମାନ ଡିଜିଟାଲ୍!

ଆପଣଙ୍କ ଅନଲାଇନ୍ କେୱାଇସି ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ନିମ୍ନଲିଖିତ ଦସ୍ତାବିଜ୍‌ର ସଫ୍ଟ କପି ପ୍ରସ୍ତୁତ ରଖନ୍ତୁ:




- ସ୍ୱ-ସ୍ୱାକ୍ଷରିତ ପାନ୍ କପି
- ଆପଣଙ୍କ ଆଇଡ଼ି କିମ୍ବା ଠିକଣା ପ୍ରମାଣ ଅନୁଯାୟୀ ନାମ ସହିତ କ୍ୟାନସେଲ୍ ଚେକ୍
- ସାଧା କାଗଜରେ ଆପଣଙ୍କ ସ୍ୱାକ୍ଷରର ଚିତ୍ର
- ଠିକଣା ପ୍ରମାଣ: ଆଧାର କାର୍ଡ / ଡ୍ରାଇଭିଂ ଲାଇସେନ୍ସ / ଭୋଟର ଆଇଡ଼ି / ପାସପୋର୍ଟ / ଅଫଲାଇନ୍ ଆଧାର (୩ ଦିନ ମଧ୍ୟରେ ଡାଉନଲୋଡ୍ କରନ୍ତୁ / ଆଧାର ଡିଜି ଲକର୍) – ଯେକୌଣସି ଗୋଟିଏ ଦସ୍ତାବିଜ୍
- ଏକ ଛୋଟ ଭିଡିଓ ସୁଟ୍ କରିବା ପାଇଁ କ୍ୟାମେରା ଏବଂ ମାଇକ୍ରୋଫୋନ୍ ସହିତ ଏକ ଡିଭାଇସ୍ ରଖନ୍ତୁ

ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ ଆରମ୍ଭ କରିବା ପାଇଁ ଆଜି ହିଁ ଆପଣଙ୍କ କେୱାଇସି ସଂପୂର୍ଣ୍ଣ କରନ୍ତୁ

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ ।

1833

କେୱାଇସି (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) ହେଉଛି ଏକ-ସମୟ ପ୍ରକ୍ରିୟା ଯେଉଁଥିରେ ସେବି-ପଞ୍ଜିକୃତ ମଧ୍ୟସ୍ଥିମାନଙ୍କ ଦ୍ୱାରା ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବା ପାଇଁ ଗ୍ରାହକଙ୍କ ପରିଚୟ ଏବଂ ଠିକଣାକୁ ବୈଧ କରାଯାଇଥାଏ । ଆପଣଙ୍କର ଅନଲାଇନ୍ କେୱାଇସି ସମ୍ପୂର୍ଣ୍ଣ କରିବା ପାଇଁ ଆପଣ କିଛି ସେବି ପଞ୍ଜିକୃତ ମଧ୍ୟସ୍ଥି କିମ୍ବା ମ୍ୟୁଚୁଆଲ୍ ଫଣ୍ଡର ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ଭିଜିଟ୍ କରିପାରିବେ ।

ଏକ ପଞ୍ଜିକୃତ ମୋବାଇଲ୍ ନମ୍ବର ସହିତ ଆଧାର ଜରିଆରେ ଇ ସାଇନ୍ ଯାଞ୍ଚ ସମ୍ପୂର୍ଣ୍ଣ କରିବା ପାଇଁ ବାଧ୍ୟତାମୂଳକ ଅଟେ ।

Scan QR code to know more

# ୟୁଟିଆଇ ସ୍ୱତନ୍ତ୍ର

ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ

ଲଗ୍ ଅନ୍ କରନ୍ତୁ www.utiswatantra.com

ନିବେଶ ପାଇଁ ପାସପୋର୍ଟ ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ନିବେଶ ଆରମ୍ଭ କରିବା ପାଇଁ କେୱାଇସି କରିବାର ଏକ ସାଙ୍କେତିକ ଉପସ୍ଥାପନ ଅଟେ ।

କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc । ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ସେପ୍ଟେମ୍ବର, ୨୦୨୦



## ଲୁଣା ନଦୀରେ ବୃଦ୍ଧା ନିଖୋଜ

**ମାର୍ଶାଘାଇ,(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ମାର୍ଶାଘାଇ ବ୍ଲକ ପରକୁଳାର କୃଷ୍ଣଚନ୍ଦ୍ର ନାୟକଙ୍କ ସ୍ତ୍ରୀ କୁସୁମ (୭୦) ଲୁଣା ନଦୀରେ ମଙ୍ଗଳବାର ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଓ ଦମକଳବାହିନୀ ଖୋଜାଖୋଜି ଜାରି ରଖିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୁସୁମଙ୍କ ସନ୍ଧାନ ମିଳିନାହିଁ। ମଧ୍ୟାହ୍ନରେ ସେ ଲୁଣା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି।

# ଜବରଦଖଲରେ ୯୦ ଏକରରୁ ଊର୍ଦ୍ଧ୍ୱ ଗୋଚର

**ଯାଜପୁର ଜିଲା**

- ଆର୍‌ଆଇ ସର୍କଲ ଅଧୀନ ଏକ ଗୋଚର ଜମିରେ ବଙ୍ଗଳା ନିର୍ମାଣକୁ ବିରୋଧ
- ଜମି ଜବରଦଖଲ ନେଇ ଜିଲାରେ ୨୮୦୦ରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ
- ଜମି ବ୍ୟବସାୟୀଙ୍କ କବଳରେ ପ୍ରାୟ ୧୦ହଜାର ଏକର ଜମି ରହିଥିବା ଅଭିଯୋଗ

**ଯାଜପୁର ଅଫିସ୍, ୨୯।୯**

ଯାଜପୁର ଜିଲାରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନ ଦର୍ଶାଇ ଶତାଧିକ ଏକର ଗୋଚର ଜମି ଜବର ଦଖଲ ହେବାରେ ଲାଗିଛି। ଏଥିଯୋଗୁ ସରକାରୀ ଜମି ସଙ୍କୁଚିତ ହେବା ସହିତ ଜବରଦଖଲକାରୀଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ମିଳୁଛି। ଜିଲା ପ୍ରଶାସନ ତଥ୍ୟ ଅନୁସାରେ, ଯାଜପୁର ଜିଲାର ୧୦ଟି ତହସିଲ ଅଧୀନରେ ମୋଟ ୨୬,୯୪୪ ଏକର ଗୋଚର ଜମି ରହିଛି। ସେଥିରୁ ପ୍ରାୟ ୯୦ ଏକର ଗୋଚର ଜମି ଜବରଦଖଲ ହୋଇଛି। ଜିଲାରେ ସରକାରୀ ଜମି ଜବରଦଖଲ ଅଭିଯୋଗ ନେଇ ୨୮୦୦ରୁ ଊର୍ଦ୍ଧ୍ୱ ମାମଲା ବିଭିନ୍ନ ତହସିଲରେ ବିଚାରାଧୀନ ରହିଛି। ସେଥିମଧ୍ୟରୁ ୭୦୦ମାମଲା ଗୋଚରଜମିକୁ ନେଇ ରହିଥିବା ଜଣାଯାଇଛି। ଏଥିଯୋଗୁ ପ୍ରାୟ ୧୦ହଜାର ଏକର ଜମି ବ୍ୟବସାୟୀଙ୍କ କବଳରେ ରହିଛି ବୋଲି ଅଭିଯୋଗ ହେଉଛି।

ଏହି କ୍ରମରେ ଜିଲାର ଦର୍ପଣ ତହସିଲ ଦର୍ପଣଗଡ଼ ଆର୍‌ଆଇ ସର୍କଲ ଅଧୀନ ଅକବରାବାଦ ମୌଜାରେ ଏକ ଗୋଚର ଜମିରେ ବେଆଇନ ଭାବେ ଏକ ବଙ୍ଗଳା ନିର୍ମାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରେ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସାହିବ ସିଂ ବର୍ମା ତାଙ୍କ ରାଷ୍ଟ୍ରୀୟ ସ୍ୱାଭିମାନ ଟ୍ରଷ୍ଟ ଦ୍ୱାରା ଉକ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ଆଦିବାସୀ ପରିବାରଗୁଡ଼ିକୁ ଗୋଟିଏ ଲେଖାଏଁ ଘର ନିର୍ମାଣ କରାଇଦେଇଥିଲେ। ସେହି ସମୟରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଚଞ୍ଚକତା କରି ଘର ହାତେଇବାରେ ମଧ୍ୟ ସଫଳ ହୋଇଥିଲେ। ଏବେ ସେହି ଘର କଡ଼କୁ ଲାଗି ରହିଥିବା ଗୋଚର ଜମିକୁ ବେଆଇନ ଭାବେ ଅବରୋଧ କରି ଏକ ବଙ୍ଗଳା ନିର୍ମାଣ କରାଯାଉଛି। ଏହାର ଛାତ ପଡ଼ି ଯାଇଥିଲେ ସୁଦ୍ଧା ଏ ଯାଏଁ ତାହା ପ୍ରଶାସନ ଦୃଷ୍ଟିକୁ ନ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଅନ୍ୟପକ୍ଷେ କରୋନା ସଂକ୍ରମଣ ଯୋଗୁ ତହସିଲ କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବା ବେଳେ ଦର୍ପଣଗଡ଼ ସର୍କଲରେ ରାଜସ୍ୱ ନିରୀକ୍ଷକ ପଦବୀ ଖାଲି ପଡ଼ିଛି। ଏହା ସେହି ଜବରଦଖଲକାରୀଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଠାରେ ଉଲ୍ଲେଖନୀୟ ବିଷୟ ହେଉଛି କି, ୨୦୧୯ରେ ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଏକ ସରକାରୀ ଜମି ଜବରଦଖଲ କରାଯାଇ ନିର୍ମାଣ କରାଯାଇଥିବା ଗେଷ୍ଟ ହାଉସ୍‌ରୁ ହରିଦାସପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତଦେହ ମିଳିଥିଲା। ସେହି କୋଠା ଉଚ୍ଛେଦ କରିବାକୁ ବିଭିନ୍ନ ମହଲରୁ ଚାପ ପଡ଼ିବା ପରେ ପ୍ରଶାସନ ତାକୁ ଭାଙ୍ଗିବା ସହ ଆରୁହା ଆର୍‌ଆଇଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ତୁରନ୍ତ ଅକବରାବାଦ ମୌଜାରେ ନିର୍ମିତ ବେଆଇନ ଘର ସଂକ୍ରାନ୍ତରେ ଆବଶ୍ୟକ ଯାଞ୍ଚ କରାଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଏଭଳି ଭାବେ ଲୋକଙ୍କ ବିରୋଧ ଓ ପ୍ରତିବାଦ ସତ୍ତ୍ୱେ ଗୋଚର ଜମି, ଜଙ୍ଗଲ ଜମି, ଚାଷଜମି ଆଦିର କିସମ ପରିବର୍ତ୍ତନ କରି ଶାଗମାଛ ଦରରେ ଶିଳ୍ପସଂସ୍ଥାକୁ ଟେକି ଦିଆଯାଉଛି। ଏ ସଂକ୍ରାନ୍ତରେ ଦର୍ପଣ ତହସିଲଦାରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଅନ୍ୟପକ୍ଷେ ଯାଜପୁର ଉପଜିଲାପାଳ ଅସୁସ୍ଥ ଥିବାରୁ କିଛି କହିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ମାମଲା ବିଚାରାଧୀନ ଥାଇ କାର୍ଯ୍ୟ ଚାଲିଛି



ନିର୍ମାଣାଧୀନ ଅଙ୍ଗନୱାଡି ଗୃହ।

- ଗୋଚରରେ ଅଙ୍ଗନୱାଡି ଗୃହ ନିର୍ମାଣକୁ ବିରୋଧ
- ପୁଣି ଜିଲାପାଳଙ୍କୁ ଭେଟିଲେ ଅଭିଯୋଗକାରୀ

**ବିଞ୍ଝାରପୁର, ୨୯।୯ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଚିକଣା ପଞ୍ଚାୟତ ବ୍ରାହ୍ମଣୀଗାଁ ଗ୍ରାମର ଏକ ଗୋଚରରେ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ବିରୋଧ ପରେ ଜିଲାପାଳଙ୍କ ନିକଟରେ ମାମଲା ବିଚାରାଧୀନ ରହିଛି। ହେଲେ ବ୍ଲକ ପକ୍ଷରୁ ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ଦେଖାଯାଇଛି। ଏହାକୁ ନେଇ ଅଭିଯୋଗକାରୀ କାହ୍ନୁଚରଣ ଯେନା ମଙ୍ଗଳବାର ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ଉକ୍ତ ଗୋଚରରେ ଅଙ୍ଗନୱାଡି ଗୃହ ନିର୍ମାଣ କରାଯାଉଥିବା ନେଇ କାହ୍ନୁଚରଣ ଉଚ୍ଚ ନ୍ୟାୟାଳୟରେ ମାମଲା (୩୭/୧୮) ରୁଜୁ କରିଥିଲେ। ମାମଲାର ବିଚାର କରି ସମାଧାନ କରିବାକୁ ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ମାମଲା ଏବେ ବି ଜିଲାପାଳଙ୍କ ନିକଟରେ ବିଚାରାଧୀନ ରହିଛି। ହେଲେ ବ୍ଲକ ପ୍ରସାଶନ ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରଖିବା ସହ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ବିଲ୍ ପୈଠ କରୁଛନ୍ତି। ଏହି କାର୍ଯ୍ୟ ବନ୍ଦ କରିବା ସହ ବିଚାରାଧୀନ ମାମଲାର ସମାଧାନ ପାଇଁ କାହ୍ନୁଚରଣ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ରାହାସବିହାରୀ ଜେନାଙ୍କୁ ପଚାରିବାରୁ ତହସିଲଦାରଙ୍କ ଅନୁମତି କ୍ରମେ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ, ୨୯।୯:** ସଦର ଥାନା ଅନ୍ତର୍ଗତ ଜରିପଡା ଗ୍ରାମର ସମୀର ରଞ୍ଜନ ଦାସଙ୍କ ପୁଅ ଚନ୍ଦ୍ରସାରଥିଙ୍କର ମଙ୍ଗଳବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ହୋଇଛି। ଚନ୍ଦ୍ରସାରଥି ନିଜ ଗ୍ରାମ ନିକଟ ପଡିଆରେ ଗାଈ ଚରାଉଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ସେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ।

### ପିଏଜି କର୍ମଚାରୀଙ୍କ ଧାରଣା

**ନୟାଗଡ଼ ଅଫିସ,୨୯।୯:** ପୁନଃ ନିଯୁକ୍ତି ଓ ୮ମାସର ଦରମା ପାଇବା ଦାବି ନେଇ ପିପୁଲ୍‌ସ ଆକ୍ସନ ଗ୍ରୁପ (ପିଏଜି)ର ଭିନ୍ନକ୍ଷମ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ତେବେ ଉପଜିଲାପାଳ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**କାଳିଆପାଣି, ୨୯।୯ (ଡି.ଏନ୍.ଏ.):** କାଳିଆପାଣି-ମଙ୍ଗଳପୁର ରାସ୍ତାର କୁସୁମୁଣ୍ଡିଆ ଛକ ନିକଟରେ ଜଣେ ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ମଙ୍ଗଳପୁର ଗ୍ରାମର ରାଜୁ ମହାନ୍ତଙ୍କ ପୁଅ ବିଜୟ(୨୪) ଗୁରୁତର ହୋଇଛନ୍ତି। ସେ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ରବିବାର ରାତି ପ୍ରାୟ ୮ଟା ବେଳେ ବିଜୟ କାଳିଆପାଣିସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। କୁସୁମୁଣ୍ଡିଆ ଛକ ନିକଟରେ ହମ୍ପସ୍ ଯୋଗୁ ସେ ବାଇକ୍ ଧୀରେ କରିବାରୁ କେହି ଦୁର୍ବୃତ୍ତ ତାଙ୍କୁ ଏକ ଲୁହା ରଡ୍‌ରେ ପିଟି ଦେଇଥିଲେ। ସେ ଗାଡ଼ିରୁ ପଡ଼ିଯିବା ପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ମୁଣ୍ଡକୁ ରଡ୍‌ରେ ଏକାଧିକ ପ୍ରହାର କରିଥିଲେ। ବିଜୟ ନିକଟସ୍ଥ ବିଲକୁ ଦୌଡ଼ି ପଳାଇବାରୁ ସେ ଗାଡ଼ି ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବିଜୟଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବିଜୟଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ପଚାରିବାରେ ଏ ନେଇ ଅଭିଯୋଗ ହୋଇ ନ ଥିବା କହିଛନ୍ତି।

### ଆକ୍ରମଣ କରି ୮୦ ହଜାର ଲୁଟ୍

**ଖଣ୍ଡପଡ଼ା,୨୯।୯ (ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଞ୍ଚଳର ଏକ କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୮୦ହଜାର ଟଙ୍କା ଲୁଟିନେଇଛନ୍ତି। ଗଣିଆ ଥାନା ବିଜୟନଗର ଗ୍ରାମର କାମାକ୍ଷା ପ୍ରସାଦ ବେହେରା ଏକ କମ୍ପାନୀରେ କାମ କରନ୍ତି। ସେ ସୋମବାର କଣ୍ଟିଲୋରୁ ଟଙ୍କା ସଂଗ୍ରହ କରି ବାଇକ୍‌ରେ ଗଣିଆ ଫେରୁଥିଲେ। କଣ୍ଟିଲୋ-ଗଣିଆ ରାସ୍ତାର ବାଙ୍କମୁଣ୍ଡିଆଠାରେ ୫ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ତାଙ୍କଠାରୁ ଟଙ୍କା ଛଡାଇ ନେଇଥିଲେ। କାମାକ୍ଷାଙ୍କଠାରୁ ଖବର ପାଇ କମ୍ପାନୀ ମାଲିକ ପହଞ୍ଚି ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଗଣିଆ ଅଞ୍ଚଳର କମ୍ପାନୀ ସୁପରଭାଇଜର ସନ୍ତୋଷ ସାହୁ ମଙ୍ଗଳବାର କଣ୍ଟିଲୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗ

**ଡେରାବିଶ,୨୯।୯(ସ୍ୱ.ପ୍ର.):** ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ବଟକୃଷ୍ଣ ପ୍ରଧାନ (୭୭)ଙ୍କର ସୋମବାର ରାତିରେ କାଉପଡ଼ା ପଞ୍ଚାୟତ ନିଳିକଣାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଖବର ପାଇ ବିଭିନ୍ନ ଦଳର ରାଜନେତାମାନେ ସ୍ୱର୍ଗତ ପ୍ରଧାନଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଏକ ବିରାଟ ପଟୁଆର ମଧରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍, ଜିଲା ବିଜେଡ଼ି ସଭାପତି ଉତ୍କଳ କେଶରୀ ପରିଡ଼ା, ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ଚିନ୍ମୟ ପ୍ରସାଦ ବେହୁରା, ବିଜୟ କୁମାର ପରିଡ଼ା, ସରୋଜକାନ୍ତ ନାୟକ ପ୍ରମୁଖ ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି।

## ୧୫ଲକ୍ଷ କ୍ଷତିପୂରଣ ଦାବିକଲା କଂଗ୍ରେସ

**ଚାଷୀ ଆତ୍ମହତ୍ୟା ଘଟଣା**

**ସିଂହପୁର, ୨୯।୯ (ଡି.ଏନ୍.ଏ.)**

ଫସଲ ହାନି ଯୋଗୁ ଆତ୍ମହତ୍ୟା କରିଥିବା ବିଞ୍ଝାରପୁର ବ୍ଲକ ବରପଦା ପଞ୍ଚାୟତର ଚାଷୀ ଉମାକାନ୍ତ ମଲିକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛି କଂଗ୍ରେସ। ଏ ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାର ଆୟୋଗଙ୍କୁ ମଙ୍ଗଳବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ବରିଷ୍ଠ ନେତା ଶମ୍ଭୁ ପାଣିଗ୍ରାହୀ, ନରେଶ ମହାନ୍ତି, ରାଜ୍ୟ କିଶାନ କଂଗ୍ରେସର ଅଧକ୍ଷ ଅମୀୟ ପଟନାୟକ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ପୌର କାର୍ଯ୍ୟାଳୟ କଣ୍ଟେନ୍‌ମେଣ୍ଟ ଜୋନ୍

**ନୟାଗଡ଼ ଅଫିସ,୨୯।୯:** ନୟାଗଡ଼ ମ୍ୟୁନିସିପାଲିଟି କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା ହୋଇଛି। ଏଠାରୁ ୮ କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ନୟାଗଡ଼ ତହସିଲଦାର ଏହି କଟକଣା ଜାରି କରିଛନ୍ତି। ୨୯ ତାରିଖ ପୂର୍ବାହ୍ନ ୯ଟାରୁ ୧ ତାରିଖ ୯ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଅନ୍ୟପକ୍ଷେ ଜିଲାରେ ସୋମବାର ୬୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ସେତୁ ନିର୍ମାଣ ଦାବିରେ ରାସ୍ତାରୋକୋ



ଶତାଧିକ ଜନସାଧାରଣ ରାସ୍ତରୋକୋ କରିଛନ୍ତି।

**ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

**ତିର୍ତ୍ତୋଲ,୨୯।୯(ଡି.ଏନ.ଏ.)**

କୋଟକଣାଠାରୁ ବାନାମ୍ବର ପର୍ଯ୍ୟନ୍ତ ମହାନଦୀ ଉପରେ ସେତୁ ନିର୍ମାଣ ଦାବିରେ ମଙ୍ଗଳବାର କଟକ-ପାରାଦୀପ ରାସ୍ତାର କୋଟକଣା ନିକଟରେ ରାସ୍ତାରୋକୋ କରାଯାଇଛି। ୨ ଘଣ୍ଟା ଧରି ରାସ୍ତାରୋକୋ ପରେ ଜଗତ୍‌ସିଂହପୁର ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏପରି କି ଦାବି ସମ୍ପର୍କରେ ପ୍ରଶାସନ ତରଫରୁ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଆନ୍ଦୋଳନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଆନ୍ଦୋଳନସ୍ଥଳରେ ନେତାମାନେ ସରକାରଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହ ଜବାବ ମାଗିଥିଲେ। କୋଟକଣା-ବାନାମ୍ବର ପୋଲ ପୂର୍ତ୍ତ ବିଭାଗ ତାଲିକାର କ୍ରମିକ ନଂ ୨୭ ଥିବା ବେଳେ କ'ଣ ପାଇଁ ଘୋଷଣା କରାଗଲା ନାହିଁ। ତର୍ତ୍ତୋଲ ଉପନିର୍ବାଚନ ହେବାକୁ ଥିବାବେଳେ ତରବରିଆଭାବେ ତିର୍ତ୍ତୋଲ-ପୋଷଳ ଓ ଜଇପୁର- କଟିକଟା ପୋଲ ପାଇଁ ସରକାର ଘୋଷଣା କରିବା ସହିତ ଶିଳାନ୍ୟାସ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତେବେ ୧୫ରୁ ୨୦ ବର୍ଷ ଧରି କୋଟକଣା-ବାନାମ୍ବର ସେତୁ ପାଇଁ ଦାବି ହୋଇ ଆସୁଥିବାବେଳେ ତିର୍ତ୍ତୋଲ-ପୋଷଳ ସେତୁର ନାମ ହିଁ ନ ଥିଲା ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। କୋଟକଣା-ବାନାମ୍ବର ପୋଲ ହେଲେ ପାଇକା ନଦୀର ଲଙ୍କାପଡ଼ାଠାରେ ନିର୍ମାଣାଧୀନ ପୋଲ ସହିତ ସିଧା ସଂଯୋଗ ହେବ। ଯାହା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରକ ଜିଲ୍ଲା ସହିତ ଗମନାଗମନର ଗୁରୁତ୍ୱ ନିର୍ବାହ କରିବ ବୋଲି ଆନ୍ଦୋଳନକାରୀ ମତ ରଖିଥିଲେ। ସେତୁ କମିଟି ଆବାହକ ବେଦଦ୍ୟୁତି ପୃଷ୍ଟି, ରମାକାନ୍ତ ଭୋଇ, ତରଜଙ୍ଗ ସରପଞ୍ଚ ବସନ୍ତ ସେଠୀ, କୋଟକଣା-ବାନାମ୍ବର ସେତୁର ମୁଖ୍ୟ ଆବାହକ ପ୍ରକାଶଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ପ୍ରାକୃତିକ ଗ୍ୟାସ୍ ସନ୍ଧାନ ପାଇଁ ବୋର୍‌ୱେଲ ଖନନ

**କେନ୍ଦ୍ରାପଡ଼ା ଅଫିସ, ୨୯।୯**



ବିଶୋକଠାରେ ବୋରୱେଲ ଖନନ କରାଯାଉଛି।

କେନ୍ଦ୍ରାପଡ଼ା ଜିଲାର ଭୂତଳରେ ପ୍ରାକୃତିକ ଗ୍ୟାସ୍ ରହିଛି। ଏ ନେଇ ବିଭିନ୍ନ ସମୟରେ ଅନୁଧ୍ୟାନ ପରେ ଜିଲାର ଡେରାବିଶ ବ୍ଲକ ବିଶୋକଠାରେ ଓଏନ୍‌ଜିସି (ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ) ପକ୍ଷରୁ ସୋମବାରଠାରୁ ବୋର୍‌ୱେଲ ଖନନ ଆରମ୍ଭ ହୋଇଛି। ଏଥିରେ ବିଭାଗୀୟ ଜିଓଫିଷ୍ଟ କେ.ଭି.ଏସ୍. ଶିବରାମ କ୍ରିଷ୍ଣନ, ପ୍ରବୀଣ କୁମାର, ରାମ କ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ତେବେ ଏହି ପ୍ରକ୍ରିୟା ୨୦୦୭ରୁ ଆରମ୍ଭ ହୋଇଛି । ବିଭିନ୍ନ ସମୟରେ ନଳକୂପ ଖନନ ସମୟରେ ଗାତରୁ ଗ୍ୟାସ୍ ବାହାରି ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ୨୦୦୭ ଡିସେମ୍ବର ୧୩ରେ ଏହି ବ୍ଲକସ୍ଥ ମନ୍ତ୍ରୀପଡାଠାରେ ଓଏନ୍‌ଜିସି ପକ୍ଷରୁ ବୋରୱେଲ ଖନନ ହୋଇଥିଲା। ସେ ସମୟରେ ପ୍ରାକୃତିକ ଗ୍ୟାସ୍ ପରିମାଣ କମ୍ ଥିବା ଦର୍ଶାଇ ପ୍ରକଳ୍ପକୁ ବନ୍ଦ ରଖାଯାଇଥିଲା।ମାତ୍ର ୨୦୧୬ରୁ ଅଦ୍ୟାବଧି ବିଭିନ୍ନ ସ୍ଥାନରେ ନଳକୂପ ଖନନ ସମୟରେ ମିଥେନ ଗ୍ୟାସ୍ ଉପଲବ୍ଧ ହେଉଥିବା ଦେଖାଯାଇଛି । ଗତ ଏପ୍ରିଲ ୨୩ରେ ଜିଲାର ମଠସାହି ଗ୍ରାମର ସଦାଶିବ ମଲ୍ଲିକଙ୍କ ନଳକୂପ ଖନନ ସମୟରେ ଏଭଳି ଦେଖିବାକୁ ମିଳିଥିଲା। ମାତ୍ର ୫୦ ଫୁଟ ଖୋଳାହେବା ପରେ ଗାତ ମଧ୍ୟରୁ ଗ୍ୟାସ୍ ବାହାରିଥିଲା। କୌତୂହଳରେ ଗ୍ରାମବାସୀ ଗ୍ୟାସରେ ନିଆଁ ସଂଯୋଗ ପରେ ପ୍ରାୟ ଦୁଇଘଣ୍ଟା ଧରି ଜଳିଥିଲା । ଏହି ଘଟଣା ୨୦୧୭ ଡିସେମ୍ବର ୨୧ରେ କେନ୍ଦ୍ରାପଡ଼ା ବ୍ଲକ ଘାଘରା ଗ୍ରାମରେ ଦେଖାଯାଇଥିଲା। ଓଏନ୍‌ଜିସିର ବିଶେଷଜ୍ଞ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ବୋରୱେଲ ଖନନ କରି ପ୍ରାକୃତିକ ଗ୍ୟାସ୍‌ର ସନ୍ଧାନ ପାଇଥିଲେ । ୨୦୧୮ ଜୁନ ୧୬ରେ ଗରଦପୁର ବ୍ଲକ କଳାବୁଦା ଗ୍ରାମର ମାଗୁଣି ସାହୁ ଓ ୨୦୧୯ ସେପ୍ଟେମ୍ବର ୯ରେ ମହାକାଳପଡା ବ୍ଲକ ବାହାର ସୋବଳା ଗ୍ରାମର ନାରାୟଣ ମହାପାତ୍ରଙ୍କ ନଳକୂପ ଖନନ ସମୟରେ ପ୍ରାକୃତିକ ଗ୍ୟାସ୍ ଦେଖିବାକୁ ମିଳିଛି।

# ପର୍ଯ୍ୟଟନସ୍ଥଳୀ ଅବହେଳିତ

**କେନ୍ଦ୍ରାପଡ଼ା ଅଫିସ, ୨୯।୯**

- ସାମୁଦ୍ରିକ ପ୍ରାଚୀର ହେନ୍ତାଳବନର ସୁରକ୍ଷା ଲୋଡ଼ା
- ୫ ବର୍ଷରେ ଖର୍ଚ୍ଚ ହୋଇଛି ୧୫ କୋଟି
- କରୋନା କଟକଣାରୁ ପର୍ଯ୍ୟଟକ ଶୂନ୍ୟ ହୋଇଛି



ଇଚ୍ଛାପୁରସ୍ଥିତ ଶ୍ରୀବଳଦେବ ଜୀଉ ମନ୍ଦିର।

କୃଷି ପରେ ପର୍ଯ୍ୟଟନ ଶିଳ୍ପର ଆୟ ଉପରେ କେନ୍ଦ୍ରାପଡ଼ା ଜିଲାବାସୀ ନିର୍ଭର କରିଥାନ୍ତି । ଜାତୀୟ ଉଦ୍ୟାନ ଭିତରକନିକା, ବିରଳ ଅଲିଭରିଡ୍‌ଲେଙ୍କ ପ୍ରଜନନ ସ୍ଥଳ ଗହୀରମଥା ସହିତ ସହର ମଧ୍ୟରେ ଥିବା ଶ୍ରୀବଳଦେବଜୀଉ ମନ୍ଦିର, ଗୋବିନ୍ଦଜୀଉ ମନ୍ଦିର, ତମାଳଶାସନର ଶ୍ରୀ ଦଧିବାମନଜୀଉ, ସଚ୍ଚପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହଜୀଉ ମନ୍ଦିର ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ। ଏଥିସହିତ ଐତିହ୍ୟସ୍ଥଳୀ ଭାବେ ପରିଚିତ ବତିଘର, ଫଲ୍‌ସପଏଣ୍ଟ, ହୁକିଟୋଲା ଆଦି ଅବହେଳିତ ହୋଇରହିଛି। ତେବେ କରୋନା କଟକଣା ଯୋଗୁ ଏସବୁ ସ୍ଥାନ ଗତ ମାର୍ଚ୍ଚରୁ ପର୍ଯ୍ୟଟକ ଶୂନ୍ୟ ହୋଇଛି। ପରିବେଶବିତ୍ ହେମନ୍ତ କୁମାର ରାଉତ, ସେକ୍ ଚାନ୍ଦ, ଗଗନବିହାରୀ ସିଂହ ପ୍ରମୁଖ କୁହନ୍ତି, ରାଜନଗର ବ୍ଲକର ଭିତରକନିକା ତ୍ରିକୋଣଭୂମି ଅଞ୍ଚଳ ଅଲିଭରିଡ୍‌ଲେ କଇଁଛ ଓ କୁମ୍ଭୀରଙ୍କ ପାଇଁ ବେଶ ଚର୍ଚ୍ଚିତ । ଜଙ୍ଗଲର ପ୍ରାକୃତିକ ସବୁଜିମା ସହିତ ହରିଣ, ଭାଲୁ, ମାଙ୍କଡ଼, ବାର୍‌ହା, ଅଜଗର ଆଦି ସରୀସୃପ ସମାହାର ଦର୍ଶକଙ୍କ ମନରୁ କ୍ଳାନ୍ତି ଦୂର କରେ । ୧୯୭୫ରୁ ଏହାକୁ ଅଭୟାରଣ୍ୟ ଘୋଷଣା କରାଯାଇଥିଲେ ମଧ୍ୟ ସିଧାସଳଖ ପର୍ଯ୍ୟଟକ ଯିବା ସମ୍ଭବ ନୁହେଁ। ଏଥିସହିତ ଏଠାରେ ଥିବା ଘଞ୍ଚ ହେନ୍ତାଳବଣ ବିଭିନ୍ନ କାରଣରୁ ନଷ୍ଟ ହେବାରେ ଲାଗିଛି। ଏହି ଜଙ୍ଗଲଜମିକୁ ଜବରଦଖଲ କରି ଚିଙ୍ଗୁଡି ଘେରି କରାଯାଉଛି। ଏହାର ସୁରକ୍ଷା ନ ହେଲେ ଆଗାମୀ ୧୦ବର୍ଷ ମଧ୍ୟରେ ବହୁ ରାଜସ୍ୱଗ୍ରାମକୁ ସମୁଦ୍ର ଗ୍ରାସ କରିବ। ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି, ଚିତ୍ତରଞ୍ଜନ ସାହୁ, ରବିନ କୁମାର ଦାଶ ପ୍ରମୁଖ କହିଛନ୍ତି, ପର୍ଯ୍ୟଟନ ପାଇଁ ଜିଲାରେ ଭରପୂର ଉପାଦାନ ଅଛି । ମହାକାଳପଡ଼ା ଜମ୍ବୁରେ ଥିବା ହୁକିଟୋଲା ସମ୍ପର୍କରେ ବିଭିନ୍ନ ପର୍ଯ୍ୟଟକ ଜାଣିଥିଲେ ମଧ୍ୟ ବର୍ଷସାରା ଯାତାୟାତର ବ୍ୟବସ୍ଥା ନାହିଁ । ସହର ଅନତି ଦୂର ଗୁପ୍ତକ୍ଷେତ୍ରରେ ସଖୀବଟ ଅବସ୍ଥିତ। ଗୋଟିଏ ବରଗଛ ୫ଶହ ବର୍ଷ ହେଲାଣି ଛନ୍ଦାଛନ୍ଦି ହୋଇରହିଛି । ଏଠାରେ ଥିବା ମନ୍ଦିରଗୁଡ଼ିକରେ ବିଭିନ୍ନ ଦେବଦେବୀ ପୂଜା ପାଇଆସୁଛନ୍ତି । ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଛନ୍ତି। ହେଲେ ଏଠାକୁ ଯିବା ପାଇଁ କଂକ୍ରିଟ ରାସ୍ତା ନାହିଁ । ମହାକାଳପଡ଼ାର ହୁକିଟୋଲା, ବତିଘର, ଫଲ୍‌ସ ପଏଣ୍ଟ, କେନ୍ଦ୍ରାପଡ଼ା କେନାଲ, ପେଣ୍ଠ ଆଦି ନୌବାଣିଜ୍ୟର ସ୍ମାରକୀ ଏବେ ଅବହେଳିତ। ରାଜନଗର ବ୍ଲକ ରିଘାଗଡ଼ର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ପଟ୍ଟାମୁଣ୍ଡାଇ ବ୍ଲକ ଚଡଦକୁଲାଟର ଦଧିବାମନଜୀଉ, ଡେରାବିଶର ଦଧିବାବନଜୀଉ ଆଦି ମନ୍ଦିର ଅବହେଳିତ ଅବସ୍ଥାରେ ଅଛି । ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ନିରୋଜ କୁମାର ସାହୁ କୁହନ୍ତି, ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୫ କୋଟି ଟଙ୍କା ଅନୁଦାନରେ ପର୍ଯ୍ୟଟନ କ୍ଷେତ୍ରଗୁଡିକର ଉନ୍ନତି ଚାଲିଛି। ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଆହୁରି ୧୫ କୋଟି ଟଙ୍କା ଆସିବା ପାଇଁ ପ୍ରସ୍ତାବ ଯାଇଛି। ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲାବାସୀଙ୍କୁ ଏହାର ସୁଫଳ ମିଳିପାରିବ।

## ବିବାହ ବେଦିରୁ ନାବାଳିକା ଉଦ୍ଧାର

**ନୟାଗଡ଼ ଅଫିସ,୨୯।୯:** ନୟାଗଡ଼ରେ ବିବାହ ବେଦିରୁ ଜଣେ ନାବାଳିକାଙ୍କୁ ସୋମବାର ରାତିରେ ଉଦ୍ଧାର କରାଯାଇଛି। ଓଡଗାଁ ଥାନା ବାହାଡାଖୋଲା ଫାଣ୍ଡି ଢ଼ିପିସାହିରେ ବିବାହ ଆରମ୍ଭ ହୋଇଥିଲା। ନୟାଗଡ଼ ଚାଇଲ୍ଡଲାଇନ ଓଡଗାଁ ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସିରେ ହାଜର କରାଇଥିଲା।

## ହତ୍ୟା ଅଭିଯୋଗ କଲେ ବାପା

**ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର**

**ବାଲିଆ,୨୯।୯**

ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇ ପୋଡ଼ି ଦିଆଯାଇଛି। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ଯୁବକଙ୍କ ବାପା କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଜଗତ୍‌ସିଂହପୁର ଥାନା ମଧୁସୂଦନପୁର ଶାସନର ଅଭିମନ୍ୟୁ ଭୋଇ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୬ତାରିଖରେ କଟକ-ପାରାଦୀପ ରେଳ ଧାରଣାର ଗୋଠପଦା ୧୫ ନଂ ଗେଟ୍‌ର ୧୦୦ ମିଟର ଦୂରରେ ତାଙ୍କ ପୁଅ ରାଜା ଭୋଇ(୨୦)ଙ୍କ ମୃତଦେହ ପଡ଼ିଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ। ମୃତଦେହର କିଛି ଦୂରରେ ମଦ ବୋତଲ, ଗ୍ଲାସ, ପାଣି ବୋତଲ, ଆଧାରକାର୍ଡ, ମନିର୍ପସ, ମୋବାଇଲ ପଡିଥିଲା। ଏହି ଘଟଣା କେମିତି ଓ କାହିଁକି ଘଟିଲା ସେ ସମ୍ପର୍କରେ ରେଲୱେ ଅଧିକାରୀ ଜାଣିବା ପୂର୍ବରୁ ୧୫ ମିନିଟ ଭିତରେ ଉକ୍ତ ମୁଣ୍ଡ ଗଣ୍ଡି ଅଲଗାଥିବା ମୃତଦେହକୁ ପୁଅର ମାମୁଘର ଲୋକେ ଆଣି ପୋଡ଼ି ଦେଇଥିଲେ। ଅଭିମନ୍ୟୁ ତାଙ୍କର ଏହି ଏକମାତ୍ର ପୁତ୍ରକୁ ପ୍ରାୟ ୧୩ ବର୍ଷ ତଳୁ ମାମୁଘର କଟକ ଜିଲା କିଶୋରନଗର ଥାନା ଅଧୀନ ସିଂଗାଳ ଗ୍ରାମରେ ଛାଡିଥିଲେ। ସେଠାରେ ରହି ପୁଅ ପାଠ ପଢିବା ସହ ଗାଡି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ତେବେ ଅଭିମନ୍ୟୁଙ୍କୁ ମୃତ୍ୟୁ ଖବର ନ ଦେଇ ମାମୁ ଘର ଲୋକେ ମୃତଦେହ ପୋଡ଼ି ଦେଇଥିଲେ। ପୁଅ ମୃତ୍ୟୁ ଖବର ପାଇ ବାପା କିଶୋରନଗର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ସେଠାରେ ତାଙ୍କୁ ଫେରାଇ ଦିଆଯାଇଥିଲା। ତେଣୁ ସେ ବାଧ ହୋଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏ ସମ୍ପର୍କରେ କିଶୋରନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି, ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ସେଠାରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ତଦନ୍ତ କରାଯିବ।

